# Akashvani, Sambalpur

## SAMBALPURI NEWS EVENING BULLETIN

## 17 June 2024- 7.02 pm- 7.12 pm.

**********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଦେବେ ୧୭ ନମ୍ବର୍ କିସ୍ତି ।

- ଇ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ପାଲନ୍ ହେବା ପିଏମ୍ କିଷାନ୍ ଉତ୍ସବ୍ ଦିବସ୍ ।

୨- ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାର୍‌ନୁ ନିଜର୍ ଇଲାକାର୍ ସ୍କୁଲ୍ ଖୁଲ୍‌ବା କି ନାଇଁ ସେ ବାବ୍‌ଦେ ଜିଲ୍ଲାପାଲ୍‌ମାନେ ନେବେ ନିଷ୍ପତି ।

୩- ଓଡ଼ିଶା ବିଧାନ୍‌ସଭାର୍ ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ୍ ଆଏବାକାଏଲ୍‌ଠାନୁ ହେବା ମୁଲ୍ ।

ଆଉର୍

୪- ମୁସଲ୍‌ମାନ୍ ସମ୍ପ୍ରଦାୟର ଲୁକେ ଉସ୍‌ନାକିଥି ପାଲନ୍ କରୁଛନ୍ ସେବା, ତ୍ୟାଗ ଆଉ ସମର୍ପଣର ପର୍ବ ଇଦ୍-ଉଜ୍-ଜୁହା ।

ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍ନା ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍ନାର ହିତାଧିକାରୀମାନ୍‌କୁ ୧୭ ନମ୍ବର୍ କିସ୍ତି ଦେବେ । ଉତର୍‌ପ୍ରଦେଶ୍‌ର ବାରାଣାସୀ ଠାନେ ହେବାର୍‌କେ ଥିବା ଗୁଟେ ସ୍ୱତନ୍ତ୍ର ସମାରୋହଥି ଶ୍ରୀ ମୋଦୀ ଡିବିଟି ଜରିଏ ୯ କୋଟି ୨୬ ଲାଖ୍ ନୁ ଅଏତ୍‌କା ହିତାଧିକାରୀମାନ୍‌କର୍ ଏକାଉଂଟ୍‌କେ ପାଖାପାଖି ୨୦ ହଜାର୍ କୋଟି ଟଙ୍କା ଦେବେ । ଇ ବାବ୍‌ଦେ କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ଆର୍ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍ନା ଦେଇଛନ୍ । ସେ କହିଛନ୍ ଯେ, ୨୦୧୯ ମସିହା ଫେବୃଆରୀ ୨୪ ତାରିଖ୍ ଦିନ କିଷାନ୍ ସମ୍ମାନ୍ ନିଧି ଯୋଜ୍ନା ମୁଲ୍ ହେଇଥିଲା । ସବୁପ୍ରକାର୍ ଚାଷୀଙ୍କୁ ଆର୍ଥିକ୍ ସାହାଜ୍ ଦେବାର୍ ଇ ଯୋଜ୍ନାର୍ ମୁଲ୍ ଲକ୍ଷ୍ୟ ଆଏ । ଇ ଯୋଜ୍ନାଥି ୩ ଟା ଖେପେ ଚାଷୀମାନ୍‌କୁ ବଛର୍‌କ ୬ ହଜାର୍ ଟଙ୍କା ଦିଆଯାଉଛେ । ଏବତକ୍ ୧୧ କୋଟିନୁ ଅଏତ୍‌କା ଚାଷୀଙ୍କୁ ୩ ଲାଖ୍ କୋଟିନୁ ଅଏତ୍‌କା ଟଙ୍କା ଦିଆଯାଇଛେ ବଲି ଶ୍ରୀ ଚୌହାନ୍ କହିଛନ୍ । ସେ ଆହୁରି କହିଛନ୍ ଯେ, ବାରାଣାସୀ ନ ହେବାର୍‌କେ ଥିବା ସମାରୋହଥି ଦେଶର୍ ୩୦ ହଜାର୍‌ନୁ ଅଏତ୍‌କା ସ୍ୱୟଂସହାୟକ ଗୋଷ୍ଠୀର୍ ସଦସ୍ୟମାନ୍‌କୁ କୃଷି ସଖୀ ଭାବେ ପ୍ରମାଣ୍‌ପତ୍ର ଦିଆଯିବା ।

ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍ନା    ଆର୍ଏନ୍ୟୁ/ ସମ୍ବଲପୁର

ଇ ଅବ୍ସରେ ଆଏବା କାଏଲ୍ ଉପର୍ବେଲା ସାଢ଼େ ୪ ବଜେନୁ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ପିଏମ୍ କିଷାନ୍ ଉତ୍ସବ୍ ଦିବସ୍ ପାଲନ୍ କରାଯିବାର୍କେ ରାଜ୍ୟ ସର୍କାର୍ ନିଷ୍ପତି ନେଇଛନ୍ । ଇ କାର୍ଯ୍ୟକ୍ରମ୍ ଲାଗି ସବୁ ପ୍ରକାର୍ ବ୍ୟବସ୍ଥା କର୍ବାର୍କେ ଜିଲ୍ଲାପାଲ୍ମାନ୍କୁ କୃଷି ବିଭାଗ୍ର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ଚିଠି ଲେଖିଛନ୍ । ଭିନ୍ ଭିନ୍ ଜିଲ୍ଲା ନ ହେବାର୍କେ ଥିବା ପିଏମ୍ କିଷାନ୍ ଉତ୍ସବ୍ କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ସବୁ କେବିନେଟ୍ ମନ୍ତ୍ରୀ ଆର୍ ସାଂସଦ୍ ମାନେ ଯୋଗ୍ ଦେବେ । ବର୍ଗଡ୍ ଜିଲ୍ଲା ନ ହେବାର୍କେ ଥିବା କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ଆଉ କୃଷି ଆର୍ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ସେନ୍ତା ପୁରୀ ନ ହେବାର୍କେ ଥିବା କାର୍ଯ୍ୟକ୍ରମ୍ଥି ଉପମୁଖ୍ୟମନ୍ତ୍ରୀ ଆଉ ମହିଳା, ଶିଶୁକଲ୍ୟାଣ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେବେ ।

ସ୍କୁଲ୍ ଖୁଲ୍ବା-ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍    ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାର୍‌ନୁ ଜିଲ୍ଲାପାଲ୍‌ମାନେ ନିଜର୍ ଇଲାକାର୍ ପାଣିପାଗ ସୂଚନା ଆଧାର୍‌ଥି ଆଏବାକାଏଲ୍ ସ୍କୁଲ୍ ଖୁଲ୍‌ବା କି ନାଇଁ ସେ ବାବ୍‌ଦେ ନିଷ୍ପତି ନେବେ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ନିର୍ଦ୍ଦେଶ୍ ଅନ୍‌ସାରେ, ଜିଲ୍ଲାପାଲ୍‌ମାନେ ନିଜର୍ ଜିଲ୍ଲାର୍ ସର୍‌କାରୀ, ବେସର୍‌କାରୀ ଆର୍ ଅନୁଦାନ୍ ପାଉଥିବା ସ୍କୁଲ୍‌ମାନ୍‌କର୍ ୧ ନୁ ୧୨ କ୍ଲାସ୍‌ତକ୍ ପାଣିପାଗ୍ ଥିତିକେ ନଜର୍‌ଥି ରଖିକରି ଛୁଟି ଘୋଷ୍‌ନା କରିପାର୍‌ବେ । ନାହେତ ସ୍କୁଲ୍ ସମୟ ବଦ୍‌ଲେଇ ପାର୍‌ବେ । ପାଣିପାଗ୍ ଠିକ୍ ଥିବା ଜିଲ୍ଲାମାନ୍‌କର୍ ସ୍କୁଲ୍ ମାନେ ସଖାଲର୍ ସାଢ଼େ ୬ ନୁ ସାଢ଼େ ୧୦ ବଜେତକ୍ ଖୁଲାଯାଇପାର୍‌ବା । ଇ ନିର୍ଦ୍ଦେଶ୍ ଆଏବା ୨୦ ତାରିଖ୍‌ତକ୍ ଲାଗୁ ରହେବା ବଲି ସୂଚ୍‌ନା ମିଲିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲା ଏପ୍ରିଲ୍ ୨୫ ତାରିଖ୍‌ନୁ ୧ ନୁ ୧୨ କ୍ଲାସ୍‌ତକ୍ ସ୍କୁଲ୍‌ମାନେ ବନ୍ଦ୍ ରହିଛେ । ସ୍କୁଲ୍ ମାନ୍‌କେ ଆଏଜ୍‌ତକ୍ ଛୁଟି ଘୋଷ୍‌ନା କରାଯାଇଥିଲା । ଇ ଆଧାର୍‌ଥି ଆଏବାକାଏଲ୍ ସ୍କୁଲ୍‌ମାନେ ଖୁଲ୍‌ବାର୍ କଥା । ହେଲେ ରାଜ୍ୟର୍ କେତେ ଇଲାକା ନ ଜବର୍ ଖରା ହେଉଛେ । ଇତାକେ ନଜର୍‌ଥି ରଖିକରି ସର୍‌କାର୍‌ଙ୍କର୍ ତରଫୁଁ ସ୍କୁଲ୍ ଖୁଲ୍‌ବାର୍ ବାବ୍‌ଦେ ଆଲୋଚନା କରାଯାଇକରି ଇ ନିଷ୍ପତି ନିଆଯାଇଛେ ।

ମୁଖ୍ୟମନ୍ତ୍ରୀ ଜଲ୍‌ସମ୍ପଦ୍ ବୈଠକ୍       ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଚାଷୀମାନ୍‌କର୍ ସର୍ବାଙ୍ଗୀନ ଉନ୍ନତି ସର୍‌କାର୍‌ଙ୍କର୍ ପ୍ରାଥମିକତା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଜଲ୍‌ସମ୍ପଦ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନ୍‌କର୍ ସାଙ୍ଗେ ଆଏଜ୍ ଆଲୋଚନା କରିକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଏଜେ ଏଛେନ୍ ଚାଲିଥିବାର୍ ଜଲ୍‌ସମ୍ପଦ୍ ବିଭାଗ୍‌ର ପ୍ରକଳ୍ପ ମାନ୍ ଧାରିଜ୍ ସମିଆ ଭିତ୍‌ରେ ଶେଷ୍ କରାଯିବା । ପୂର୍ତ ବିଭାଗ୍‌ର ସାଙ୍ଗେ ସମନ୍ୱୟ ରଖିକରି ନିଷ୍ଠାର୍ ସହେତେ କାମ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ବର୍ଷା ଋତୁ ନ ପାନିର୍ ସଠିକ୍ ସଂରକ୍ଷଣ୍ ଆର୍ ବଏଢ଼୍ ଥିତି ଲାଗି ପୁରା ତୟାର୍ ରହେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ- ଯୋଜନା, ସଂଯୋଜନା       ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଆଏଜ୍ ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଙ୍କର୍ ସହେତେ ଯୋଜନା ଆଉ ସଂଯୋଜନା ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଭେଟିକରି ଇ ବିଭାଗ୍ ମାନ୍‌କର୍

କାର୍ଯ୍ୟାବଳୀ ବିଷେ ଜନେଇଛନ୍ । ମୁଖ୍ୟମନ୍ତ୍ରୀ ଅର୍ଥ ବିଭାଗ୍ ଆଉ ଭିନ୍ ଭିନ୍ ସହଭାଗୀ ମାନ୍‌କର୍ ସାଙ୍ଗେ ପରାମର୍ଶ କରିକରି ଚଲ୍‌ତି ଆର୍ଥିକ୍ ବଛର୍ ଲାଗି ଗୁଟେ ଲୋକାଭିମୁଖୀ କାର୍ଯ୍ୟକ୍ରମ୍ ବଜେଟ୍ ତିଆର୍ କର୍‌ବାର୍ ଲାଗି ପରାମର୍ଶ ଦେଇଛନ୍ । ରାଜ୍ୟର୍ ଲୋକ୍‌ମାନ୍‌କର୍ ଆଶା ଆଉ ଆକାଂକ୍ଷାକେ ନଜର୍‌ଥି ରଖିକରି ବଜେଟ୍ କେନ୍ତା ସଠିକ୍ ହେବା ମୁଖ୍ୟମନ୍ତ୍ରୀ ଇ ବାବ୍‌ଦେ ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ । ଯୋଜନା ଆଉ ସଂଯୋଜନା ବିଭାଗ୍‌ର ସବୁ ଯୋଜ୍‌ନା ମାନ୍‌କୁ ଅଏତ୍‌କା କାର୍ଯ୍ୟକ୍ଷମ ଆଉ ଜିଲ୍ଲାସ୍ତର୍‌ଥି ଯୋଜନାମାନ୍‌କର୍ ପ୍ରଣୟନ୍ ସୁଦୃଢ଼ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ଶ୍ରୀମନ୍ଦିର ସେବାୟତ- ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ସଦସ୍ୟ ଆର୍ ସେବାୟତ ପ୍ରତିନିଧିମାନେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିକରି ଶୁଭେଚ୍ଛା ଜନେଇଛନ୍ । ଇ ସମିଆଥି ରଥ୍‌ଯାତ୍ରା ଆର୍ ଶ୍ରୀମନ୍ଦିର୍ ପରିଚାଳନା ଉପ୍‌ରେ ଆଲୋଚନା ହେଇଥିବା ସୂଚ୍‌ନା ମିଳିଛେ ।

ଓଡ଼ିଶା ବିଧାନ୍‌ସଭା-ସ୍ୱତନ୍ତ୍ର ଅଧିବେଶନ

ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ବିଧାନ୍‌ସଭାର୍ ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ୍ ଆଏବାକାଏଲ୍‌ଠାନୁ ମୁଲ୍ ହେଉଛେ । ଅଧିବେଶନ୍ ସମିଆଥି ନୂଆଁକରି ନିର୍ବାଚିତ୍ ହେଇଥିବା ବିଧାୟକ୍‌ମାନେ ଆଏବା କାଏଲ୍ ଆଉ ବୁଧବାର୍ ଦିନ ଶପଥ୍ ପାଠ୍ କର୍‌ବେ । କାମଚଲା ବାଚସ୍ପତି ରଣେନ୍ଦ୍ର ପ୍ରତାପ୍ ସ୍ୱାଇଁ ବିଧାୟକ୍‌ମାନ୍‌କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରାବେ । ଆଏବା ଗୁରୁବାର୍ ବିଧିବଦ୍ଧ ଭାବେ ବାଚସ୍ପତି ନିର୍ବାଚନ୍ ହେବା । ସ୍ୱତନ୍ତ୍ର ଅଧିବେଶନ୍‌କେ ନଜର୍‌ଥି ରଖିକରି ବିଧାନ୍‌ସଭା ବାହାରେ ଆର୍ ଭିତ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବା ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ ଷଡ଼ଙ୍ଗୀ କହିଛନ୍ ।

ଯୋଗ ଦିବସ ଆର୍‌ଏନ୍‌ୟୁ/ କଟକ୍

ବିଶ୍ୱ ଯୋଗ ଦିବସ୍‌କେ ରାଏଜେ ବଡ଼ ଧରଣ୍‌ର ଆୟୋଜନ୍ ସାଙ୍ଗେ ପାଲନ୍ କରାଯିବା ବଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍ ବିଭାଗୀୟ ବରିଷ୍ଠ ଅଧିକାରୀମାନ୍‌କର୍ ସାଙ୍ଗେ କ୍ରୀଡ଼ାମନ୍ତ୍ରୀ ଆଲୋଚନା କରିକରି କହିଛନ୍ ଯେ, ଓଡ଼ିଶାକେ ବିଶ୍ୱ କ୍ରୀଡ଼ା

ଜଗତ୍ ନ କ୍ରୀଡ଼ା ରାଜ୍ଧାନୀ ଭାବେ ପରିଣତ୍ କର୍ବାର୍କେ ପଦକ୍ଷେପ୍ ନିଆଯିବା ।

ପଶ୍ଚିମବଙ୍ଗ୍ ରେଲ୍ ଦୁର୍ଘଟଣା          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗ୍ ରେଲ୍ ଦୁର୍ଘଟଣାଥି ଜୀବନ୍ ହରେଇଥିବା ଲୁକ୍‌କର୍ ପ୍ରତି ଗଭୀର ଶୋକପ୍ରକାଶ୍ କରିଛନ୍ । ଇତାର୍‌ସହେତେ ଦୁର୍ଘଟଣାଥି ଜୀବନ୍ ହରେଇଥିବା ଲୁକ୍‌କର୍ ପରିବାର୍‌କେ 'ପ୍ରଧାନ୍‌ମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି'ନୁ ୨ ଲାଖ୍ ଟଙ୍କା ଲେଖା ଅନୁକମ୍ପାମୂଲକ୍ ସାହାଜ୍ ଆର୍ ଆହତ୍ ମାନ୍‌କୁ ୫୦ ହଜାର୍ ଟଙ୍କା ଲେଖା ଦେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଘୋଷ୍‌ନା କରିଛନ୍ । ସେନ୍ତା ଇ ରେଲ୍ ଦୁର୍ଘଟଣାଥି ଜୀବନ୍ ହରେଇଥିବା ଲୁକ୍‌କର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଭୀର ଦୁଃଖ ପ୍ରକାଶ୍ କରିଛନ୍ । ମୃତକଙ୍କର୍ ପରିବାର୍ ଲୁକ୍‌କୁ ସମବେଦନା ଜନାବାର୍ ସହେତେ ଆହତ୍‌ମାନ୍‌କର୍ ଆଶୁ ଆରୋଗ୍ୟ କାମନା କରିଛନ୍ ।

ଇଦ୍-ଉଜ୍-ଜୁହା     ଆର୍ଏନ୍ୟୁ ସମ୍ବଲପୁର୍/ ସୁବର୍ଣ୍ଣପୁର/ ବୌଦ୍ଧ

ଦେଶେ ତ୍ୟାଗ ଆଉ ବଳିଦାନ୍‌ର ପର୍ବ ଇଦ୍‌-ଉଜ୍‌-ଜୁହା ଆଏଜ୍‌ ପାଳନ୍‌ କରାଯାଉଛେ । ଇସ୍‌ଲାମ ସମ୍ପ୍ରଦାୟର୍‌ ସବୁଠାନୁ ପବିତ୍ର ପରବ୍‌ ଭିତ୍‌ରୁ ଇଟା ଗୁଟେ ଅନ୍ୟତମ । ଇ ଅବ୍‌ସରେ ମସ୍‌ଜିଦ୍‌ମାନ୍‌କୁ ମୁସଲମାନ ସଂପ୍ରଦାୟର ଲୋକ୍‌ମାନେ ନମାଜ୍‌ ପାଠ୍‌ କରୁଛନ୍‌ । ପବିତ୍ର ଇଦ୍‌-ଉଜ୍‌-ଜୁହା ଅବସ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଲ୍‌ ରଘୁବର୍‌ ଦାସ ଆର୍‌ ମୁଖ୍ୟମନ୍ତ୍ରୀ ମୋହନ୍‌ ଚରଣ୍‌ ମାଝୀ ମୁସଲ୍‌ମାନ୍‌ ସମ୍ପ୍ରଦାୟର୍‌ ଲୁକ୍‌କୁ ଶୁଭେଚ୍ଛା ଆଉ ଅଭିନନ୍ଦନ୍‌ ଜନେଇଛନ୍‌ ।

ସୁବର୍ଣ୍ଣପୁର୍‌ ଜିଲ୍ଲା ନ ଇଦ-ଉଜ୍‌-ଜୁହା ଭିନ୍‌ ଭିନ୍‌ ଜାଗା ନ ପାଳିତ୍‌ ହେଇଛେ । ଜିଲ୍ଲା ସଦର୍‌ ମହକୁମାର୍‌ ୨ ଟା ମସ୍‌ଜିଦ୍‌ ନ ମୁସ୍‌ଲିମ୍‌ ସମ୍ପ୍ରଦାୟ ତର୍‌ଫୁ ସମୂହ ନମାଜ୍‌ ପାଠ କରାଯାଇଥିଲା ।

ବୌଦ୍ଧ ଜିଲ୍ଲାର୍‌ ବୌଦ୍ଧ ଆର୍‌ ମନମୁଣ୍ଡା ଠାନେ ମୁସ୍‌ଲିମ୍‌ ସମ୍ପ୍ରଦାୟର୍‌ ଲୁକେ ମସ୍‌ଜିଦ୍‌ ଯାଇକରି ସମୂହ ନମାଜ୍‌ ପାଠ କରିଛନ୍‌ । ନମାଜ୍‌ ପାଠ ଉତ୍‌ରୁ ପରସ୍ପର୍‌କେ ଇଦ୍‌-ଉଜ୍‌-ଜୁହା ପରବ୍‌ର ଶୁଭେଚ୍ଛା ଦିଆନିଆ ହେଇଛନ୍‌ ।

ରାଜ୍ୟ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ-କଳାହାଣ୍ଡି

କଳାହାଣ୍ଡି ସମ୍ବାଦଦାତା

ରାଜ୍ୟ ବିଦ୍ୟାଳୟ ଆଉ ଗଣଶିକ୍ଷା, ଅନୁସୂଚିତ ଜାତି ଆଉ ଜନଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଏଜ୍ କଲାହାଣ୍ଡି ଗସ୍ତଥି ଯାଇକରି ପ୍ରାଥମିକ ଶିକ୍ଷକ୍ ସଂଘ ତର୍ଫୁ ଭବାନୀପାଟ୍ନାର୍ ଶିକ୍ଷକ୍ ଭବନ୍ ନ ହେଇଥିବା ଗୁଟେ ସଭାଥି ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍ଥି କଲାହାଣ୍ଡି ସାଂସଦ୍ ମାଲ୍ବିକା ଦେବୀ, ଧର୍ମଗଡ଼ ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟଯୋଷୀ ପ୍ରମୁଖ ଉପସ୍ଥିତ୍ ଥିଲେ । ଇ ଅବ୍ସରେ ଜିଲ୍ଲାର୍ ଭିନ୍ ଭିନ୍ ବର୍ଗର୍ ଲୁକେ ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜନେଇଥିଲେ । ଶିକ୍ଷା ବ୍ୟବସ୍ଥାଥି ସଂସ୍କାର୍ ଆଉ ମାନବୃଦ୍ଧି କର୍ବାର୍ ଲାଗି ସବୁ ପଦକ୍ଷେପ୍ ନିଆଯିବା ବଲି ମନ୍ତ୍ରୀ କହିଛନ୍ ।

## ଆର୍ଟ ଅଫ୍ ଗିଭିଙ୍ଗ୍ ଦିବସ — ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଆର୍ଟ ଅଫ୍ ଗିଭିଙ୍ଗ୍ ଦିବସ୍ ପାଲନ୍ କରାଯାଇଛେ । ବୌଦ୍ଧ ଚୂନ୍ଦ୍ରଚୂଡ଼ ବିଦ୍ୟାଳୟ ପରିସର୍ ନ ଇ ଅବ୍ସରେ ଗୁଟେ କାର୍ଯ୍ୟକ୍ରମ୍ ହେଇଥିଲା । ଆର୍ଟ ଅଫ୍ ଗିଭିଙ୍ଗ୍ ବୌଦ୍ଧ ଶାଖା ତର୍ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍ଥି ସେବା ଯୁଗଉଥିବା ଲୁକ୍କୁ ମାନପତ୍ର ଆଉ ଉପଢ୍ୌକନ ଦେଇକରି ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଅଲ୍ଗାମାନ୍କୁ ଭିନ୍ ଭିନ୍ ଉପେଥି ସେବା ଯୁଗେଇ

ଦେବାର୍, ଖୁସି ଦେବାର୍‌ଟା ଗୁଟେ ନିଆରା ଅନୁଭୂତି ଦେସି ବଲି ଅତିଥି ମାନେ ମତ ଦେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୮ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼୍ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଭିନ୍ ଭିନ୍ ଜାଗା ନ ଗ୍ରୀଷ୍ମପ୍ରବାହ ସହେତେ ଉପକୂଳ ଜିଲ୍ଲାମାନ୍‌କେ ଗୁଲ୍‌ଗୁଲି ହେଉଛେ । ଆଏବା କାଏଲ୍ ବଲାଙ୍ଗିର୍, ନୂଆପଡ଼ା, ବୌଦ୍ଧ, କଲାହାଣ୍ଡିର୍ ଗୁଟେ ଜୁଡ଼େ ଜାଗା ନ ଧୁକାଧନ୍ଦି ସହେତେ ବିଜ୍‌ଲି ମାରିକରି ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ସତର୍କ କରେଇଛେ ।